ADFACTORS PR
Knowledge-driven communications



| | | | |
|---|---|---|---|
| Published Date: | 8 Sep 2018 | Publication: | Manthan (Oriya) |
| Edition: | Bhubaneshwar | Page No: | 3 |
| MAV/CCM: | 21543.6/41.43 | Circulation: | 12000 |



# ବେଲପାହାଡ ଇଂରାଜୀ ବିଦ୍ୟାଳୟର ଟିସିଏସ୍ ଆଇଟି କ୍ୱିଜ୍ ବିଜେତା

ଭୁବନେଶ୍ୱର, ୭/୯ : ଅଗ୍ରଣୀ ଆଇଟି ସେବା, କନ୍‌ସଲ୍‌ଟିଂ ଓ ବ୍ୟବସାୟ ସମାଧାନ ପ୍ରଦାନକାରୀ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ ପକ୍ଷରୁ ଭାରତର ସର୍ବବୃହତ ଆନ୍ତଃ ବିଦ୍ୟାଳୟ କୁଇଜ୍-ଟିସିଏସ୍ ଆଇଟି କ୍ୱିଜ୍‌କୁ ଆଜି ଆୟୋଜନ କରାଯାଇଥିଲା । ଯେଉଁଥିରେ ଭୁବନେଶ୍ୱରର ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଟିସିଏସ୍ ଆଇଟି କ୍ୱିଜ୍‌ରେ ଭାଗ ନେବା ପାଇଁ ପୁରୀ, କଟକ, ପାରାଦୀପ, ରାଉରକେଲା, ଝାରସୁଗୁଡ଼ା, ଦାମନଯୋଡ଼ି, ଯାଜପୁର, ଗଂଜାମ ଓ ଜାମସେଦପୁର ଭଳି ବାହାର ସ୍ଥାନର ବିଦ୍ୟାଳୟର ଟିମ୍ ଭୁବନେଶ୍ୱର ଆସିଥିଲେ। ପ୍ରଯୁକ୍ତି ଦକ୍ଷତାର ସଶକ୍ତୀକରଣର ବର୍ଦ୍ଧିତ ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ, ବାର୍ଷିକ ଜ୍ଞାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆଞ୍ଚଳିକ ଫାଇନାଲ୍‌ରେ ପାଂଚ ପର୍ଯ୍ୟାୟ କୁଇଜ୍ ପରେ ବେଲପାହାଡ ଇଂରାଜୀ ବିଦ୍ୟାଳୟର ଚିରଞ୍ଜିବି ପ୍ରଧାନ ଓ ବେଦାଂଶ ପ୍ରଧାନ ଟାଇଟଲ୍ ବିଜୟୀ ହୋଇଛନ୍ତି । ଏସ୍‌ଟିପିଆଇର




ନିର୍ଦ୍ଦେଶକ ମାନସ ରଂଜନ ପଣ୍ଡା ଏବଂ ଟିସିଏସ୍ ମୁଖ୍ୟ ମନୋଜ କୁମାର ପଣ୍ଡା, ଉପସଭାପତି ଗ୍ଲୋବାଲ ହେଡ ଟ୍ୟାଲେଣ୍ଟ ଡେଭଲପମେଣ୍ଟର ଦାମୋଦର ପାଢ଼ୀ ଚଳିତ ବର୍ଷର ଆଂଚଳିକ ଫାଇନାଲ୍ ବିଜେତାଙ୍କୁ ୬୦,୦୦୦ ଟଙ୍କାର ଗିଫ୍‌ଟ ଭାଉଚର୍ ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍ ଭାବେ ସ୍ୱସ୍ତିକ ଦାସ ଓ ପ୍ରିୟାଂଶୁ ମିଶ୍ର, ସାଇ ଇଣ୍ଟରନେସନାଲ ବିଦ୍ୟାଳୟ, ପଟିଆ, ୪୦,୦୦୦ ଟଙ୍କାର ଗିଫ୍‌ଟ ଭାଉଚର୍ ସହ ଟ୍ରଫି ପ୍ରଦାନ କରିଥିଲେ।

## ବୈଠକ

ଗୁଆ ସଚେତନ କରେଇବା ପାଇଁ ଏକ
ଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ
ଷତଃ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ
ଯାଇଛି। ସେପ୍ଟେମ୍ବର ୧ ତାରିଖ ଠାରୁ-
ଲିବ। ଭିଭିପାଟ୍ ବ୍ୟବହାର ସମ୍ପର୍କରେ
ସବୁ ପ୍ରକାର ପ୍ରଚେଷ୍ଟା କରାଯାଉଛି ।